## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

ବଇଣ୍ଡା,୩ା୯(ଡି.ଏନ.ଏ.)- ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ କଲେଜ ନିକଟରେ ମଙ୍ଗଳବାର ଏକ ବାଇକ୍‌କୁ ମିନି ଟ୍ରକ୍ ଧକ୍କା ଦେବାରୁ ବାଇକ୍ ଚାଳକ କରଡ଼ବାହାଲି ଗ୍ରାମର ଟୁନା ସେଠୀ ଓ ତାଙ୍କ ସହ ଥିବା ବିଭୂତି ପ୍ରଧାନ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଠାକୁରଗଡ଼ ପୋଲିସ ଓ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆଠମଲ୍ଲିକ ଏସ୍‌ଡିପିଓ ସେକ୍ ଅବଦୁଲ କରିମ କହିଛନ୍ତି, ଏକ ବାଇକ୍ (ନଂ. ଓଡି୧୯ଡି-୬୬୧୬) ଯୋଗେ ଟୁନା ଓ ବିଭୂତି ଘରକୁ ଫେରୁଥିବାବେଳେ ବଇଣ୍ଡାରୁ ଆଠମଲ୍ଲିକ ଅଭିମୁଖେ ଯାଉଥିବା ଏକ ମିନି ଟ୍ରକ୍ (ନଂ. ଓଡି୧୨ବି-୭୬୭୯) ଧକ୍କା ଦେଇଥିଲା। ପୋଲିସ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

ତାଳଚେର,୩ା୯(ନି.ପ୍ର.)- କୋଇଲା ଉଦ୍ୟୋଗରେ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପ୍ରତିବାଦରେ ତାଳଚେର କୋଲ୍‌ଫିଲଡ୍ସରେ ଥିବା ସମସ୍ତ କୋଇଲା ଖଣିର ଟାଇମ ଅଫିସ ଓ ଏରିଆ ଅଫିସ ସମ୍ମୁଖରେ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପୁଞ୍ଜି ନିବେଶ ଦ୍ୱାରା ସ୍ଥାୟୀ, ଅସ୍ଥାୟୀ କର୍ମଚାରୀଙ୍କ ସହିତ ଜମିହରାମାନେ କ୍ଷତିଗ୍ରସ୍ତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଗାମୀ ୬ ଓ ୭ ତାରିଖରେ ସମସ୍ତ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କୋଇଲା ମହାସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବାଦଲ ମହାରଣା, ବିଏମ୍ଏସ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ମାଝି, ଅରୁଣ କୁମାର ପ୍ରଧାନ, ବିଜୟ କୁମାର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

### ହେଲାନି ଚୁକ୍ତି ନବୀକରଣ କି ଟେଣ୍ଡର

# ୨୨ ଠିକା କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର

ଅନୁଗୋଳ ଅଫିସ, ୩ା୯

ଅନୁଗୋଳ ପୌରପାଳିକାରେ ୯ ବର୍ଷ ହେଲା ଠିକାରେ କାର୍ଯ୍ୟ କରୁଥିବା ୨୨ ଜଣ କର୍ମଚାରୀଙ୍କ ଭବିଷ୍ୟତ ଏବେ ଅନ୍ଧକାର ହୋଇଯାଇଛି। ଠିକା ସଂସ୍ଥା ସହ ପୌରପାଳିକା କରିଥିବା ଚୁକ୍ତିର ଅବଧି ଗତ ଅଗଷ୍ଟ ୩୧ରେ ଶେଷ ହୋଇଯାଇଥିଲେ ବି ତାହାର ନବୀକରଣ କିମ୍ବା ପୁନଃ ଟେଣ୍ଡର କରାଯାଇନାହିଁ। ଫଳରେ ସମ୍ପୃକ୍ତ କର୍ମଚାରୀମାନେ ୩ ଦିନ ହେଲା ଅଫିସ ଆସିପାରୁ ନାହାନ୍ତି। ଏପରି କି ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ୫ ମାସର ଦରମା ଦିଆଯାଇ ନ ଥିବା ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ସେମାନେ ପୌର ପ୍ରଶାସକ ଦାୟିତ୍ୱରେ ଥିବା ଜିଲାପାଳ ଓ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।




ଠିକା କର୍ମଚାରୀ ଜିତୁ ବେହେରା, ପ୍ରଫୁଲ୍ଲ ଗୋଛାୟତ, ଦୀପକ ସାହୁ, ପ୍ରକାଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଦାଶରଥୀ ଗୋଛାୟତଙ୍କ କହିବା ଅନୁଯାୟୀ, ୨୦୧୦ରୁ ସେମାନେ ଅନୁଗୋଳ ପୌରପାଳିକାର ଇଞ୍ଜିନିୟରିଂ ବିଭାଗ, ସୁରକ୍ଷା, ବିଦ୍ୟୁତ୍ ବିଭାଗ, ମ୍ୟୁଜିକ ଶିକ୍ଷକ, ଟଲି ଓ ଟ୍ରାକ୍ଟର ଚାଳକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଅଗଷ୍ଟ ୩୧ରୁ ସେମାନଙ୍କ ଚୁକ୍ତି ଅବଧି ଶେଷ ହୋଇଯାଇଛି। ଉକ୍ତ ଅବଧି ଶେଷ ହେବା ପୂର୍ବରୁ ପୁନର୍ବାର ଟେଣ୍ଡର ହେବା କଥା। ନଚେତ ଠିକା ନେଇଥିବା ସଂସ୍ଥା ସହ ଚୁକ୍ତି ନବୀକରଣ କରାଯିବା କଥା। କିନ୍ତୁ ଅନୁଗୋଳ ପୌରନିର୍ବାହୀ ଅଧିକାରୀ ସେପରି କିଛି କରି ନ ଥିବାରୁ ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଏ ନେଇ ପୌର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ନିର୍ବାହୀ ଅଧିକାରୀଙ୍କ ନିକଟକୁ ଫାଇଲ ଯାଇଥିଲା। ସେ ଠିକା କର୍ମଚାରୀମାନଙ୍କୁ ଡାକି କଥା ହୋଇଥିଲେ। କିନ୍ତୁ ଉକ୍ତ ଫାଇଲ ଜିଲାପାଳଙ୍କ ନିକଟକୁ ପଠାଯାଇ ନାହିଁ। ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ବଦଳି ଅର୍ଡର ଆସିଥିବାରୁ ଫାଇଲରେ ଦସ୍ତଖତ କରିନାହିଁ। ସେମାନଙ୍କ ଟେଣ୍ଡର ସରିଗଲା। ତେଣୁ କାର୍ଯ୍ୟ କରିବାକୁ ମନା କରାଯାଇଛି। ତେବେ ନୂଆ ଟେଣ୍ଡର ସମ୍ପର୍କରେ ନିର୍ବାହୀ ଅଧିକାରୀ ମୁହଁ ଖୋଲି ନ ଥିଲେ।

- ଅଗଷ୍ଟ ୩୧ରେ ସରିଯାଇଛି ଚୁକ୍ତି
- ୩ ଦିନ ହେଲା ଆସିପାରୁନାହାନ୍ତି ଅଫିସ
- ୫ ମାସର ଦରମା ଦେଇନି ପୌରପାଳିକା

## ପ୍ରତିକୂଳ ପରିସ୍ଥିତି ସଫଳ କରାଏ



ବଇଣ୍ଡା,୩ା୯(ଡି.ଏନ.ଏ.)

ପ୍ରତିକୂଳ ପରିସ୍ଥିତି ସହିତ ଲଢ଼େଇ କରିବାର ମାନସିକତା ମଣିଷକୁ ସଫଳ କରିଥାଏ। ମଙ୍ଗଳବାର କିଶୋରନଗର ବ୍ଲକ ଓସ୍କାପାଲିସ୍ଥିତ ସୁବର୍ଣ୍ଣସାହି ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସାହିତ୍ୟ ଆସର କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ସଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିନୋଦଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପବିତ୍ରମୋହନ ପ୍ରଧାନ, ଜିତେନ୍ଦ୍ର ସାହୁ, ନଳିନୀରଞ୍ଜନ ପ୍ରଧାନ, ବସନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଚତୁର୍ଭୁଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରହିତାସ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଳା, ସାହିତ୍ୟ, ସଂସ୍କୃତି ଓ ନାମ ସଂର୍କୀତ୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି କୁନା ପ୍ରଧାନଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା


କୁନ୍ଦନାଳୀ, ରାଧାକୃଷ୍ଣ ଯୁବକ ସଂଘ


କନ୍ଧପଡା ପୂଜା ମଣ୍ଡପ

**ମାଧପୁର, ୩ା୯:** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ରାଧାକୃଷ୍ଣ ଯୁବକ ସଂଘ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ଅପରାହ୍ନ ୨ଟାରୁ ଯଥାରୀତିରେ ପୂଜକ ପୂଜା କାର୍ଯ୍ୟ କରିଥିଲେ। ଏହାପରେ ସମସ୍ତ ସଦସ୍ୟ ପୁଷ୍ପାଞ୍ଜଳି ଦେଇ ମିଳିତ ଭାବେ ପ୍ରସାଦସେବନ କରିଥିଲେ। ମଙ୍ଗଳବାର ସକାଳେ ଗ୍ରାମର ଶତାଧିକ କୁନି ପିଲାଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ସେହିପରି ଦୁଡୁମ, କମ୍ପଲା, ମାଧପୁର ଗଣେଶ ବଜାର, କନ୍ଧପଡା, ମାଧପୁର ଉଚ୍ଚ ବିଦ୍ୟାଳୟ, ମାଧପୁର ସରସ୍ୱତୀ ଶିଶୁମନ୍ଦିର, ମାଧପୁର ନୋଡାଲ ସ୍କୁଲ ଆଦିରେ ଗଣେଶ ପୂଜା ପାଳିତ ହୋଇଛି।


ଦୁଡୁମ ପୂଜା ମଣ୍ଡପ

## ଜୟରାମ ଲେଙ୍କା ବମ୍ପର ଲକି ଡ୍ର ଉଠାଣ

ତାଳଚେର,୩ା୯(ନି.ପ୍ର.)

ତାଳଚେର ହାଟତୋଟା ଠାରେ ଥିବା ଅତ୍ୟାଧୁନିକ ଗାର୍ମେଣ୍ଟସ ଶୋ'ରୁମ ଜୟରାମ ଲେଙ୍କା ପକ୍ଷରୁ ସୋମବାର ସନ୍ଧ୍ୟାରେ ବମ୍ପର ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓକିଲ ସଂଘ ସଭାପତି ରଞ୍ଜିତ କୁମାର ଘୋଷ ଯୋଗଦେଇ ଅନୁଷ୍ଠାନ ତାହାର ଗୁଣବତ୍ତା, ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର ଆଗାମୀ ଦିନରେ ବଜାୟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ଖବରଦାତା ଦେବୀ ମିଶ୍ର ଅନୁଷ୍ଠାନର ଉନ୍ନତି ନିମନ୍ତେ ମା' ହିଙ୍ଗୁଳାଙ୍କ ଠାରେ ପ୍ରାର୍ଥନା କରିଥିଲେ। ଶୋ'ରୁମ୍ ସ୍ୱତ୍ୱାଧିକାରୀ ତଥା ମାଲିକ ରବୀନ୍ଦ୍ର କୁମାର ଲେଙ୍କା ଓ ସହଧର୍ମିଣୀ ସନ୍ତୋଷୀ ଲେଙ୍କା ତାଳଚେରବାସୀଙ୍କ ସ୍ନେହ, ଶ୍ରଦ୍ଧା ତାଙ୍କୁ ଏଠାକୁ ଟାଣି ଆଣିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ରଶ୍ମୀରଞ୍ଜନ ମିଶ୍ର, ମନୋଜ ନନ୍ଦ, ମନୋଜ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାନେଜର ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁନା ମହାରଣା, ସରୋଜ ସାହୁ, ସୁଧୀର ଦାସ, ରଞ୍ଜନ ଦାସ, ଚନ୍ଦନ ଜେନା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ବମ୍ପର ଲକି ଡ୍ର ଉଠାଣ ହୋଇଥିଲା। ତାଳଚେର ସହରର ପ୍ରକାଶ କୁମାର ସାହୁ ବମ୍ପର ପ୍ରାଇଜ ଭାବେ ଏକ କାର ପାଇଥିଲେ। ଏହି ଅବସରରେ ୧୫ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଏକ କୁଇଜ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ବିଜେତା ପ୍ରକାଶ କୁମାର ସାହୁଙ୍କୁ କାର୍‌ର ଚାବି ପ୍ରଦାନ କରାଯାଉଛି।

# କୋଇଲା ନଗରୀରେ ଗଜାନନ


▲ନୂଆ ବସ୍‌ଷ୍ଟାଣ୍ଡ


▲ପାଟଣା ସାହି ଗଣେଶ ପୂଜା କମିଟି


▲କଳିଙ୍ଗ ମାର୍କେଟ


▲ଚିତ୍ରକୂଟ ବଜାର


▲ନିୟୁ ଲକ୍ଷ୍ମୀ ମ୍ୟୁନିସିପାଲିଟି


▲ମ୍ୟୁନିସିପାଲିଟି ମାର୍କେଟ ହାଟତୋଟା


▲ଡାମ୍ରିତ୍ ମାର୍କେଟ

## ସଂକ୍ଷେପରେ

### ସ୍ୱଧାର ଗୃହରୁ ସାପ ଉଦ୍ଧାର



**ଅନୁଗୋଳ ଅଫିସ, ୩।୯:** ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲା ଅଞ୍ଚଳରେ ଏବିସିଡି ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱଧାର ଗୃହରୁ ଏକ ୪ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ରୋଷେଇ ଘରେ ସାପ ଥିବା ଦେଖି କର୍ମଚାରୀମାନେ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ପରେ ଆଦିତ୍ୟ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡି ଦେଇଥିଲେ।

### ଗଣେଶପୂଜାରେ ନାମ ସଂକୀର୍ତ୍ତନ

**ବଡ଼ରପାଳ, ୩।୯ (ଡି.ଏନ୍.ଏ.):** ବଡ଼ରପାଳ ବ୍ଲକ ଫୁଲପଡ଼ାସ୍ଥିତ ଖଳିନାଳ ଠାରେ ଗଜାନନ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଅବସରରେ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ଭଜନ ଓ ନାମ ପରିବେଷଣ କରିଥିଲେ। ଅମରେଶ, ସୌମ୍ୟଜିତ, ବାପୁନ, ଲିକୁନ, ମାନସ, ଟିଟୁ, ମଣ୍ଟୁ, ଜଗୁ, ବଳରାମ, ଅରବିନ୍ଦ, ହାପି, ଜଗନ, ଆଦିତ୍ୟ, ଡନି ଓ ପିଙ୍କୁ ପ୍ରମୁଖ ସହଯୋଗ କରିଥିଲେ।

### ପ୍ଲାଣ୍ଟରେ ଦୁର୍ଘଟଣା, ଜଣେ ଆହତ

**ବଡ଼ରପାଳ,୩।୯(ଡି.ଏନ.ଏ.):** ନାଲ୍କୋ ସ୍ମେଲଟର ପ୍ଲାଣ୍ଟର କାଷ୍ଟ ହାଉସ ଅପରେଶନ ବିଭାଗରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ଯୁଗଳ କିଶୋର ବେହେରା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନାଲ୍କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଲିଫ୍‌ଲେଟ୍ ବାଣ୍ଟିଲା ପୋଲିସ

**ଅନୁଗୋଳ ଅଫିସ, ୩।୯:** ନୂତନ ମୋଟର ଯାନ ସଂଶୋଧନ ଆଇନ-୨୦୧୯ ଲାଗୁ ହେବା ପରେ ଅନୁଗୋଳ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଲୋକଙ୍କୁ ସଚେତନ କରାଯାଇଛି। ଏହି ଆଇନରେ କି କି ନିୟମ କରାଯାଇଛି ସେ ସମ୍ପର୍କରେ ପୋଲିସ ଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟିଛି। ଅନୁଗୋଳ ଥାନା ଛକ ଓ ହୁଲୁରୁସିଂହା ଠାରେ ଏହି ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି। ଅନୁଗୋଳ ପୋଲିସ ସହ ଟ୍ରାଫିକ ପୋଲିସ ମଧ୍ୟ ଲୋକମାନଙ୍କୁ ଏ ନେଇ ସଚେତନ କରିଛି।

■ମେଡିକାଲରେ ୪ ମାସରେ ୮ ଥର ଠକେଇ

# ରୋଗୀଙ୍କଠାରୁ ୮ଶହ ନେଇଗଲେ ଦଲାଲ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ପୁଣି ଜଣେ ରୋଗୀ ଦଲାଲଙ୍କ ଠକାମିର ଶିକାର ହୋଇଛନ୍ତି। ଏହାକୁ ମିଶାଇ ଗତ ୪ ମାସ ମଧ୍ୟରେ ୮ ଥର ଏପରି ଘଟଣା ଘଟିଥିଲେ ମଧ୍ୟ ମେଡିକାଲ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ସିସିଟିଭି ଯାଞ୍ଚ କରିବା କି ଥାନାରେ ଏତଲା ଦିଆଯାଉ ନ ଥିବାରୁ ଏ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଆଠମଲ୍ଲିକ ନିରିମୂଳା ଅଞ୍ଚଳର ବିଘ୍ନେଶ୍ୱର ପ୍ରଧାନ(୫୮) କିଡ୍‌ନୀ ଜନିତ ରୋଗ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ସେ ମେଡିକାଲ ଆସୁଥିବା ବେଳେ ଜେଲ ଛକ ଠାରେ ଜଣେ ଦଲାଲ୍ ତାଙ୍କୁ ଭେଟିବା ସହ କିଡ୍‌ନୀ ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ମୁଖ୍ୟ ଚିକିତ୍ସାଳୟ



ଆଉଟଡୋରରୁ ଟିକେଟ୍ କରିବା ପରେ ସମ୍ପୃକ୍ତ ଦଲାଲ କିଡ୍‌ନୀ ଖରାପ ଥିବା ରୋଗୀଙ୍କୁ ସରକାରଙ୍କ ପକ୍ଷରୁ ୮୦ ହଜାର ଟଙ୍କା ମିଳୁଛି, ତୁମକୁ ମିଳିଛି କି ନାହିଁ ବୋଲି ପଚାରି କୋର୍ଟ ଆଡ଼କୁ ନେଇଯାଇଥିଲେ। ୮୦ ହଜାର ଟଙ୍କା ପାଇବାକୁ ହେଲେ ୧୨ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି କହିଥିଲେ। ବିଘ୍ନେଶ୍ୱର ୮ଶହ ଟଙ୍କା ଥିବା କହିବା ପରେ ଦଲାଲ ତାହା ମାଗି ନେଇଥିଲେ। ଏହାପରେ ତାଙ୍କୁ ମେଡିକାଲରେ ଛାଡ଼ି କିଛି କାଗଜପତ୍ର ଧରାଇ ପଳାଇ ଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ବିଘ୍ନେଶ୍ୱର ସାମାଜିକ କର୍ମୀ ପ୍ରତାପ ମହାପାତ୍ରଙ୍କୁ ଘଟଣା ସମ୍ପର୍କରେ କହିବା ସହ ଧରିଥିବା କାଗଜପତ୍ର ଦେଖାଇଥିଲେ। ଉକ୍ତ କାଗଜପତ୍ର ଦେବଗଡ଼ ଜିଲାର ଏକ ଦମ୍ପତିଙ୍କର ବୋଲି ଆଧାରକାର୍ଡରୁ ଜଣାପଡ଼ିଥିଲା। ପୂର୍ବରୁ ସମ୍ପୃକ୍ତ ଦଲାଲ ଉକ୍ତ ଦମ୍ପତିଙ୍କୁ ମଧ୍ୟ ଠକିଥିବା ଖବର ମିଳିଥିଲା। ନୂଆଖାଇ ଛୁଟି ପାଇଁ ବିଘ୍ନେଶ୍ୱର ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିପାରିନାହାନ୍ତି। ତେବେ ସାମାଜିକ କର୍ମୀ ତାଙ୍କର ଚିକିତ୍ସା ବ୍ୟବସ୍ଥା କରିବା ସହ କିଛି ଖର୍ଚ୍ଚ ଦେଇ ବିଘ୍ନେଶ୍ୱରଙ୍କୁ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି। ସିଡିଏମ୍‌ଓ ମେଡିକାଲଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ଅଭିଯୋଗ ସମ୍ପର୍କରେ ମତାମତ ମିଳିପାରି ନାହିଁ।

## ଗୋଟିଏ ରାତିରେ ୩ଟି ଘରୁ ଚୋରି

**ପାଲଲହଡା,୩।୯(ଡି.ଏନ.ଏ.)**

ପାଲଲହଡା ଉପଖଣ୍ଡ ସଦର ମହାକୁମାସ୍ଥିତ ଉଦୟପୁର ଗ୍ରାମର ଦୁର୍ଯ୍ୟୋଧନ ଗଡନାୟକ, ଚିନ୍ମୟ କୁମାର ସାହୁଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଗୁରୁଚରଣଙ୍କ ଘରେ ଚୋରି ଉଦ୍ୟମ ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଦୁର୍ବୃତ୍ତମାନେ ଗୋଟିଏ ରାତିରେ ଦୁର୍ଯ୍ୟୋଧନ, ଚିନ୍ମୟଙ୍କ ଘର ଝରକା ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ସୁନା ଗହଣା, ରୁପା କଏନ ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି। ସକାଳୁ ସମ୍ପୃକ୍ତ ପରିବାର ଲୋକେ ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗୁରୁଚରଣଙ୍କ ଘରୁ କିଛି ନ ପାଇ ଦୁର୍ବୃତ୍ତମାନେ ଫେରିଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ. ୧୦୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପୌରାଞ୍ଚଳ ବିଜେଡି କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ଜିଲା ବିଜେଡି କାର୍ଯ୍ୟାଳୟରେ ପୌରାଞ୍ଚଳ ବିଜେଡିର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୦ ଜଣ ସଦସ୍ୟଙ୍କୁ ନେଇ ସଭ୍ୟ ସଂଗ୍ରହ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ପ୍ରତ୍ୟେକ ୱାର୍ଡ ଅନୁଯାୟୀ ୧୫ ଜଣ ସକ୍ରିୟ ସଦସ୍ୟ ଚୟନ ହୋଇଛନ୍ତି। ସେମାନଙ୍କ ସହାୟତାରେ ପ୍ରତ୍ୟେକ ୱାର୍ଡରୁ ୨୫ ଜଣ ସଦସ୍ୟ ଗ୍ରହଣ କରାଯିବ। ପ୍ରାରମ୍ଭିକ ବୈଠକରେ ନଗର ସଭାପତି ମହେନ୍ଦ୍ର ବସ୍ତିଆ ସଭାପତିତ୍ୱ କରିଥିଲେ। ପ୍ରିୟଦର୍ଶୀ ପଟ୍ଟନାୟକ, ଅଜିତ ବିଶୋଇ, ବୃନ୍ଦାବନ ସ୍ୱାଇଁ, ସତ୍ୟାନନ୍ଦ ଦଳବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ବେଆଇନ ଚାନ୍ଦା ଆଦାୟ ଅଭିଯୋଗ

**ବଇଣ୍ଡା,୩।୯(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଷୋଳପଦା ମହାବିଦ୍ୟାଳୟ ଓ ଠାକୁରଗଡ଼-ପାଇକସାହି ରାସ୍ତାର ଖଜୁରୀୟୁଡ଼ା ନିକଟରେ ଗାଡ଼ି ଅଟକାଇ ବେଆଇନ ଚାନ୍ଦା ଆଦାୟ କରାଯାଉଛି। ଏ ନେଇ ଠାକୁରଗଡ଼ ନାଗରିକ ମଞ୍ଚ ପକ୍ଷରୁ ସୋମବାର ଏସ୍‌ପିଙ୍କଠାରେ ଅଭିଯୋଗ ହୋଇଛି।

ଅଭିଯୋଗରେ ମଞ୍ଚ ପକ୍ଷରୁ ଦର୍ଶାଯାଇଛି, ଠାକୁରଗଡ଼ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠାକୁରଗଡ଼ ବଜାର ଓ ଗ୍ରାମରେ ଚୋରି ବଢୁଥିଲେ ବି ପୋଲିସ ଦୁର୍ବୃତ୍ତଙ୍କ ପତ୍ତା ପାଇପାରୁନାହିଁ। ଖଜୁରୀୟୁଡ଼ା ଗ୍ରାମର ଏକ ନିଛାଟିଆ ସ୍ଥାନରେ କେତେଜଣ ଯୁବକ ପ୍ରତ୍ୟେକ ବୁଧବାର ଏହି ବାଟ ଦେଇ ଅନୁଗୋଳ ଅଭିମୁଖେ ଯାଉଥିବା ଗୋରୁ ବେପାରି ଗାଡ଼ି ଗୁଡ଼ିକୁ ଅଟକାଇ ୧ ହଜାର ଟଙ୍କା ଲେଖାଏ ଚାନ୍ଦା ଆଦାୟ କରୁଛନ୍ତି। ଏ ନେଇ ପୂର୍ବରୁ ଗ୍ରାମବାସୀ ଏସ୍‌ପିଙ୍କଠାରେ ଅଭିଯୋଗ କରିବା ପରେ ପୋଲିସ କିଛିଦିନ ଚଢାଉ କରିଥିଲା। କିନ୍ତୁ ଏବେ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ କରାଯାଉ ନ ଥିବା ଯୋଗୁ ଅପରାଧ ବୃଦ୍ଧି ପାଉଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଏସ୍‌ପି ଏ ନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଠାକୁରଗଡ଼ ଥାନା ଅଧିକାରୀ ଗବାକ୍ଷ ନାୟକ କହିଛନ୍ତି, ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## ବଜ୍ରପାତରେ ୪ ଗୁରୁତର

**ପାଲଲହଡା,୩।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ବ୍ଲକ ଅଲୋରୀ ପଞ୍ଚାୟତ ନୂଆଗାଁ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଗୋଟିଏ ପରିବାରର ୪ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫୁଲ କଳା, ଶୁକ୍ରା କଳା, ସୁଭଦ୍ରା କଳା ଏବଂ ସୋମବାରୀ କଳା। ସମସ୍ତେ ଖାଇସାରି ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସମସ୍ତେ ଅଚେତ ହୋଇଯାଇଥିଲେ। ଗ୍ରାମବାସୀ ଓ ଅନ୍ୟମାନେ ସେମାନଙ୍କୁ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଗୁରୁତରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି।

## କରାଟେ ଚାମ୍ପିୟନଶିପ: ଅନୁଗୋଳକୁ ୬୦ ପଦକ



ପଦକ ବିଜୟୀ ପ୍ରତିଯୋଗୀମାନେ।

**ବଡ଼ରପାଳ, ୩।୯ (ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ରେଲୱେ ଇଣ୍ଡୋର ଷ୍ଟାଡିୟମରେ ଅଗଷ୍ଟ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଦଶମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କରାଟେ ଆସୋସିଏଶନ୍ ଅଫ୍ ଇଣ୍ଡିଆ (କାଇ) ସ୍ୱୀକୃତିପ୍ରାପ୍ତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା, ଗୁଜରାଟ, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶରୁ ଆଠ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାଇର ବୈଷୟିକ ନିର୍ଦ୍ଦେଶକ ଓ ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଉତ୍କଳ କରାଟେ ସ୍କୁଲ ନାଲକୋନଗର ଅନୁଗୋଳ ଶାଖାର ୬୪ ପ୍ରତିଯୋଗୀ ଏଥିରେ ଭାଗ ନେଇ ୬୦ଟି ପଦକ ହାସଲ କରିଛନ୍ତି। ପଦକ ବିଜେତା ଏହି ପ୍ରତିଯୋଗୀମାନେ ହେଲେ ସନ୍‌ବି ନାୟକ, ପୁସ୍‌ମିତା ସାହୁ, ସାଇ ଅଂଶୁମାନ ଅମାନ୍ତ, ରୁଦ୍ରନାରାୟଣ ଭୂତିଆ ଯାଦବ, ସନତ ନାୟକ, ଦିବ୍ୟାଂଶୁ ପାଣ୍ଡେ, ଅଭିନାଶ ମହାପାତ୍ର, ଶୁଭଶ୍ରୀ ଖୁସ୍‌ବୁ ବିଶୋଇ, ଆଦେଶ କୁମାର ସାମଲ, ଅମ୍ଲାନ ପରିଡ଼ା, ବିଶ୍ୱଜିତ ସାମଲ, ପ୍ରେଜ୍ୱଲ ଭୋଇ, ପୁରୁଷୋତ୍ତମ ଯାଦବ, ପ୍ରତୀକ୍ଷା ପ୍ରିୟଦର୍ଶନୀ, ବନ୍ଦାରିଶି ପୂର୍ଣ୍ଣିମା, ତନୁଶ୍ରୀ ତନୟାପାତ୍ର, ସୋୟମ ଦଳାଇ। ଏହି ଦଳରେ ଅଫିସିଆଲ ଭାବେ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ପ୍ରଶିକ୍ଷକ ଜୟଦେବ ପଟ୍ଟନାୟକ, ବିଜୟ କୁମାର ସାମଲ, ସୁବାସ ଚନ୍ଦ୍ର ଦଳାଇ ପ୍ରମୁଖ ରହି ପରିଚାଳନା କରିଥିଲେ। ଦଳର ମ୍ୟାନେଜର ଭାବେ ଅଶୋକ ମହାପାତ୍ର ଦଳ ସହିତ ଭୁବନେଶ୍ୱର ଯାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ସେନସାଇ ଜୟଦେବ ପଟ୍ଟନାୟକ ଓ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ବାର୍ଷିକ ଭାଦ୍ରବ ପୂଜା ଉତ୍ସବ

**ଛେଣ୍ଡିପଦା,୩।୯(ଡି.ଏନ.ଏ.):**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମରେ ମଙ୍ଗଳବାର ବାର୍ଷିକ ଭାଦ୍ରବ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ଏବଂ ମା' ଗ୍ରାମେଶ୍ୱରୀଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏହାସହିତ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପୁରାଣ ପାଠ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିପରି ମା ହିଙ୍ଗୁଳା, ବନଦୁର୍ଗା, ଉମାଦେଈ, ବ୍ରାହ୍ମଣୀଦେଈ, ପୀତାବଳୀ ଆଦି ସ୍ଥାନରେ ଥିବା ସମସ୍ତ ଦେବୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଦୁର୍ଗାପୁର ପଣ୍ଡୁଆକଟା ଠାରେ ଥିବା ମା' ମହିଷା ମର୍ଦ୍ଦିନୀ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଭାଦ୍ରବ ପୂଜାସୋବ ପାଳିତ ହୋଇଛି। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**ଅନୁଗୋଳ ଅଫିସ, ୩।୯:**

ସାମାଜିକ କର୍ମୀ ଡ. ବିପିନ ବିହାରୀ ସାହୁଙ୍କ ବିୟୋଗରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ଚାଳକ ବିଜୟ କୁମାର ସାହୁ, ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ସଭାପତି ବନବିହାରୀ ପଟ୍ଟନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ଧର ଓ ଆଶୁତୋଷ ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ଡ. ସାହୁ ପ୍ରାଣୀ ଚିକିତ୍ସା ବିଭାଗରୁ ଅବସର ନେବା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ଗୋଶାଳା ଅନୁଷ୍ଠାନ ସହିତ ଜଡିତ ଥିଲେ। ଏତଦ୍ ବ୍ୟତୀତ ସେ ଜଣେ ଶିଶୁ ସାହିତ୍ୟକ, ବ୍ୟଙ୍ଗ କବି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସଂଘରେ ଶୋକର ଛାୟା ଖେଳିଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

## କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ତାଳଚେର,୩।୯(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ାଠାରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟପଡ଼ା ସରପଞ୍ଚ ମନୋଜ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ଗ୍ରାମ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସହକାରୀ ଯନ୍ତ୍ରୀ ବାବାଜୀ ଚରଣ ଦାସ, କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଘଣ୍ଟପଡ଼ା ହରିଜନ ସାହି ପରିଦର୍ଶନରେ ଯାଇ ଲୋକମାନଙ୍କ ରାସ୍ତା, ବିଦ୍ୟୁତ ସଂଯୋଗୀକରଣ, ଆବାସ ଗୃହ ପାଇଁ ଜମିପଟ୍ଟା ଆଦି ମୌଳିକ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।



■ଡକାୟତି ଉଦ୍ୟମ ପଣ୍ଡକଲା ଅନୁଗୋଳ ପୋଲିସ

# ୭ ଜଣଙ୍କୁ ମାଡ଼ି ବସିଲା, ଜଣେ ଫେରାର



ଗିରଫ ୭ ଦୁର୍ବୃତ୍ତଙ୍କୁ ପୋଲିସ ହାଜର କରାଇଛି।

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ପୋଲିସ ସୋମବାର ବିଳମ୍ବିତ ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ କାବୁ କରିଛି। ଗ୍ୟାଙ୍ଗର ୭ ସଦସ୍ୟଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ଭୁଜାଲି, ୨ ଖଣ୍ଡା, ୬ ମୋବାଇଲ, ଗୋଟିଏ ମୋଟର ସାଇକେଲ ସହ ଏକ ସ୍କୁଟି ଜବତ କରାଯାଇଛି। ଦୁର୍ବୃତ୍ତମାନେ ତୁରଙ୍ଗସ୍ଥିତ ଇନ୍ଦ୍ରାଣୀ ନଗରଠାରେ ଡକାୟତି ପାଇଁ ଯୋଜନା କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ହେଲେ ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି।

ପୋଲିସ କହିଛି, ଗିରଫ ୭ ଦୁର୍ବୃତ୍ତ ପଞ୍ଚମହଲା ଅଞ୍ଚଳର ଅନିଲ ବେହେରା(୨୫), ରନ୍ତଲେଇର ଜଗା ଓରଫ ଜଗନ ସେନାପତି(୨୩), ତୁରଙ୍ଗ ବିକାଶ ନଗରର ଅଜୟକାନ୍ତ କର(୨୨), ତୁରଙ୍ଗ କାମନାସାହିର ଆଶିଷ ନାୟକ(୨୩), ହେମସୁରପଡ଼ା ମୋଚିସାହିର ପାପୁଲୁ ଓରଫ ରୀତିକ୍ ବାରିକ(୧୯), ହେମସୁରପଡ଼ାର ଦୀପକ ମହାନ୍ତି(୩୨) ଓ ହେମସୁରପଡ଼ା ହରିଜନସାହିର ଠୁରା ଓରଫ ଦେବାଶିଷ ନାଏକ(୨୨) ରାଜପଥରେ ଟ୍ରକ୍‌ଗୁଡ଼ିକରୁ ଲୁଟ୍‌ପାଟ କରିବା ପାଇଁ ଯୋଜନା କରୁଥିଲେ। ଏଥିସହ ପାର୍ବଣ ସମୟରେ ଏମାନେ ବିଭିନ୍ନ ସ୍ଥାନରେ ଲୁଟ୍ ଯୋଜନା ରଖିଥିଲେ। ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ସଙ୍ଗିନ ମାମଲା ରହିଛି। ନଂ. ୬୮୩/୧୯ରେ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ସତ୍ୟ ରଞ୍ଜନ ଲେଙ୍କା ଓ ବିପ୍ଲବ ସାହୁଙ୍କ ନେତୃତ୍ୱରେ ଏଏସ୍‌ଆଇ ଜୟଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁଙ୍କ ସହ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉ କରିଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

## ଡକାୟତି ଘଟଣା, ଜଣେ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ଉପକଣ୍ଠ ତାଳସାହି-ସୁରାବ ରାସ୍ତାରେ ଏକ ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କ ନିକଟରୁ ଅଗଷ୍ଟ ମାସରେ ହୋଇଥିବା ଡକାୟତି ଘଟଣାରେ ଅନୁଗୋଳ ପୋଲିସ ଜଣେ ଦୁର୍ବୃତ୍ତ ସୁବଳ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇଜଣ ଫେରାର ରହିଛନ୍ତି। ଅଗଷ୍ଟ ୨୦ରେ ଫାଇନାନ୍ସ କମ୍ପାନୀ ମ୍ୟାନେଜର ସୁରାବରୁ ୨୭ ହଜାର ୭ ଟଙ୍କା ନେଇ ଅନୁଗୋଳ ଆସୁଥିଲେ। ଏହି ସମୟରେ ତାଳସାହି-ସୁରାବ ରାସ୍ତାରେ ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମ୍ୟାନେଜରଙ୍କ ନିକଟରୁ ଟଙ୍କା ଛଡ଼ାଇ ନେଇଯାଇଥିଲେ। ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୬/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତଦନ୍ତକାରୀ ଅଧିକାରୀ ନିରୋଦ କୁମାର ଦାଶ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଗାଡ଼ି ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ, ୩ ଗିରଫ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ପୋଲିସ ଏକ ଗାଡ଼ି ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଘଟଣାରେ ୩ ଜଣଙ୍କୁ ଗିରଫ କରିବା ସହ ୬ ବାଇକ୍ ଉଦ୍ଧାର କରିଛି। ନଂ. ୬୪୭/୧୯ ମାମଲାରେ ଗିରଫ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ପୋଲିସ କହିଛି, ଅନୁଗୋଳ ଥାନାରେ ୩ଟି ଗାଡ଼ି ଚୋରି ନେଇ ପୃଥକ ପୃଥକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ଓ ଏଏସ୍‌ଆଇ ପ୍ରଶାନ୍ତ ସାହୁ ତଦନ୍ତ କରି ବନ୍ତଲା ଥାନା ବସଲା ଗ୍ରାମର ବାପୁନ ନାଏକ(୨୪), ଗୁରାଙ୍ଗ ଅଞ୍ଚଳର ଲୁଲୁ ଓରଫ ସୁଶାନ୍ତ ନାଏକ(୩୫) ଓ ଅନୁଗୋଳ ଥାନା ଇଙ୍ଗରବନ୍ଧର ବିମଳ କିଶୋର ସାହୁ(୨୮)ଙ୍କୁ ଗିରଫ କରିଥିଲେ। ଖୋଳତାଡ଼ ପରେ ସେମାନଙ୍କ ନିକଟରୁ ୬ଟି ଚୋରି ମୋଟର ସାଇକେଲ (ନଂ. ଓଡି୧୯-୨୧୪୧, ଓଡି୦୨ଭି-୬୦୫୦, ଓଆର୧୯-କେ-୩୯୬୮, ଓଡି୧୯ଜି-୨୨୫୫, ଓଆର୧୯ଜେ-୧୩୬୧) ଉଦ୍ଧାର କରାଯାଇଛି।

